# ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ପ୍ରତିବାଦରେ ୯ରେ ଜେଲ୍‌ଭରୋ ଆନ୍ଦୋଳନ

**ଭୁବନେଶ୍ୱର,୧।୮/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ କରୋନା ସଂକ୍ରମଣ ସଂକଟ ସମୟରେ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଶ୍ରମିକ ବେରୋଜଗାର ହୋଇଥିବା ବେଳେ ସରକାର ସେମାନଙ୍କର ଜୀବିକାକୁ ସୁନିଶ୍ଚିତ କରିବା ବଦଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ସଙ୍କୁଚିତ କରିବା ସହିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ବ୍ୟାପକ ଘରୋଇକରଣ, ନୂଆ ପଦବୀ ସୃଷ୍ଟି ନକରିବା, ଠିକା ନିଯୁକ୍ତିକୁ ବନ୍ଦ କରିବା, ଖାଲିଥିବା ପଦକୁ ରଦ୍ଦ କରିବା ଲାଗି ଅଧିସୂଚନାକୁ ୬ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ନିନ୍ଦା କରିଛନ୍ତି। ଶ୍ରମିକମାନଙ୍କୁ ମାସିକ ୭୫୦୦/- ସହାୟତା ନଦେବା, ଶ୍ରମିକ ନେତାମାନଙ୍କ ବିରୋଧରେ ମିଥ୍ୟା ମାମଲା କରିବା ବିରୋଧରେ ଆସନ୍ତା ଅଗଷ୍ଟ ୯ ତାରିଖରେ ସାରା ଭାରତରେ ଜେଲଭରୋ ଆନ୍ଦୋଳନ କରାଯିବ ବୋଲି ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହର ନେତୃବୃନ୍ଦ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ବନ୍ଦଥିବା ସମସ୍ତ ଶିଳ୍ପର ପୁନଃରଦ୍ଧାର କରି ଚାଲୁ କରିବା, ନୂଆ ନିଯୁକ୍ତି ପ୍ରତ୍ୟାହରର ଅଧିସୂଚନାକୁ ରଦ୍ଦ କରିବା, ପ୍ରତ୍ୟେକ କର୍ମଜୀବୀମାନଙ୍କ ଜୀବନ ଜୀବିକାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଠାରେ ଦାବି କରିଛନ୍ତି।

ଉକ୍ତ ଆଲୋଚନାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଓଡ଼ିଶା ଶାଖାର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ମଦନ ମୋହନ ଧଳ ଓ ସାଧାରଣ ସମ୍ପାଦକ କିଶୋର ଜେନା, ଏଚ୍‌ଏମ୍‌ଏସର ଉପ-ସାଧାରଣ ସମ୍ପାଦକ, ବୀରେନ୍ଦ୍ର ପ୍ରସାଦ ଦାସ, ଏଆଇଟିୟୁସିର ରାମକୃଷ୍ଣ ପଣ୍ଡା ଓ ବିଜୟ ଜେନା, ସିଆଇଟିୟୁର ସଭାପତି ଜନାର୍ଦ୍ଦନ ପତି, ଶ୍ରୀମତୀ ପୁଷ୍ପା ପଣ୍ଡା ଓ ସତ୍ୟାନନ୍ଦ ବେହେରା, ଏଆଇସିସିଟିୟୁସିର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ ଓ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଓ ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।